# NATIONAL NEWS BULLETIN (ODIA)
## 12th September - 2024
## Morning Bulletin : 7.15 a.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଚନ୍ଦନ ଘୋଷ**

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ନୂଆଦିଲ୍ଲୀରେ ବେସାମରିକ ବିମାନ ଚଳାଚଳ ସମ୍ପର୍କିତ ଦ୍ୱିତୀୟ ଏସିଆ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ମନ୍ତ୍ରିସ୍ତରୀୟ ସମ୍ମିଳନୀକୁ କରିବେ ସମ୍ବୋଧନ ।
- ଦେଶବ୍ୟାପୀ ୭୦ ବର୍ଷରୁ ଅଧିକ ବୟସର ସମସ୍ତ ବରିଷ୍ଠ ନାଗରିକଙ୍କୁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ସାମିଲ୍ କରିବା ଲାଗି କେନ୍ଦ୍ର କ୍ୟାବିନେଟ୍‌ର ନିଷ୍ପତ୍ତି ।
- ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ତାଙ୍କର ତ୍ରିଦେଶୀୟ ଗସ୍ତର ଅନ୍ତିମ ପର୍ଯ୍ୟାୟରେ ଆଜିଠାରୁ ଦୁଇଦିନ ଲାଗି ଯିବେ ସ୍ୱିଜରଲ୍ୟାଣ୍ଡ ।
- ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ଯୋଧପୁରଠାରେ ପ୍ରତିରକ୍ଷା ବିମାନ ସେବା ପ୍ରଦର୍ଶନୀ IDAX-24କୁ କରିବେ ଉଦ୍‌ଘାଟନ ।

ଏବଂ

- ● ● ହରିୟାଣା ବିଧାନସଭା ନିର୍ବାଚନ ଲାଗି ନାମାଙ୍କନ ପତ୍ର ଦାଖଲର ଆଜି ହେଉଛି ଶେଷ ଦିବସ ।

— ଅକ୍ଟୋବର ୫ରେ ହେବ ଭୋଟ୍‌ଗ୍ରହଣ ।

## ପି.ଏମ୍‌. - ଏସିଆ-ପାସିଫିକ୍ କନ୍‌ଫରେନ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ବେସାମରିକ ବିମାନ ଚଳାଚଳ ସମ୍ପର୍କିତ ଦ୍ୱିତୀୟ ଏସିଆ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ମନ୍ତ୍ରିସ୍ତରୀୟ ସମ୍ମିଳନୀକୁ ସମ୍ବୋଧିତ କରିବେ । ସମସ୍ତ ସଦସ୍ୟ ରାଷ୍ଟ୍ରଙ୍କଦ୍ୱାରା ଗ୍ରହଣ କରାଯାଇଥିବା ଦିଲ୍ଲୀ ଘୋଷଣା ପତ୍ର ସମ୍ପର୍କରେ ପ୍ରଧାନମନ୍ତ୍ରୀ ଏହି ସମ୍ମିଳନୀରେ ଘୋଷଣା କରିବେ । ବିମାନ ଚଳାଚଳ କ୍ଷେତ୍ରକୁ ଏକ ନୂତନ ଶିଖରରେ ପହାଇଞ୍ଚିବା ଦିଗରେ ଏହି ଘୋଷଣା ପତ୍ର ଏକ ଦୂରଦୃଷ୍ଟିସମ୍ପନ୍ନ ରୋଡ୍‌ମ୍ୟାପ୍ ଭାବେ କାର୍ଯ୍ୟ କରିବ ।

ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ ଗତକାଲି ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ । ଶ୍ରୀ ନାଇଡୁ ବର୍ତ୍ତମାନ ଏହି ମନ୍ତ୍ରିସ୍ତରୀୟ ସମ୍ମିଳନୀର ଅଧ୍ୟକ୍ଷ ରୂପେ ନିର୍ବାଚିତ ହୋଇଛନ୍ତି । ଏସିଆ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ବିମାନ ଚଳାଚଳ କ୍ଷେତ୍ରର ମୌଳିକଢାଞ୍ଚାର ବିକାଶ

ଲାଗି ରଣନୈତିକ ପୁଞ୍ଜିନିବେଶ ଉପରେ ଶ୍ରୀ ନାଇଡୁ ନିଜ ଅଭିଭାଷଣରେ ଗୁରୁତ୍ୱ ଆରୋପ କରିଥିଲେ । ସେ କହିଛନ୍ତି, ଏହାଦ୍ୱାରା ୨୦୩୫ ମସିହା ସୁଦ୍ଧା ବାର୍ଷିକ ୩୦୦ କୋଟିରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ବିମାନସେବା ଯୋଗାଇ ଦିଆଯାଇପାରିବ । ଏହାଛଡ଼ା ଆସନ୍ତା ବର୍ଷ ସୁଦ୍ଧା ବେସାମରିକ ବିମାନ ଚଳାଚଳ କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ଭାଗିଦାରି ୨୫ ପ୍ରତିଶତକୁ ବୃଦ୍ଧି କରିବା ଲାଗି ଭାରତ ଲକ୍ଷ୍ୟ ରଖିଛି ବୋଲି ଶ୍ରୀ ନାଇଡୁ କହିଛନ୍ତି । ଆନ୍ତର୍ଜାତିକ ବିମାନ ଚଳାଚଳ ସଙ୍ଗଠନ ସହଯୋଗରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ସମ୍ମିଳନୀ ଏହି କ୍ଷେତ୍ରରେ ସ୍ଥିରତା ଓ ସୁରକ୍ଷାକୁ ସୁନିଶ୍ଚିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## କ୍ୟାବିନେଟ୍

ଦେଶବ୍ୟାପୀ ୭୦ ବର୍ଷରୁ ଅଧିକ ବୟସର ସମସ୍ତ ବରିଷ୍ଠ ନାଗରିକଙ୍କୁ ସେମାନଙ୍କର ସାମାଜିକ ଓ ଆର୍ଥିକ ସ୍ଥିତି ନିର୍ବିଶେଷରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ସାମିଲ୍ କରିବା ଲାଗି କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଗତକାଲି ନୂଆଦିଲ୍ଲୀରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଏହି ନିଷ୍ପତ୍ତି

ନିଆଯାଇଛି ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗଣମାଧ୍ୟମକୁ କହିଛନ୍ତି । ସେ କହିଛନ୍ତି, ଯୋଗ୍ୟ ବରିଷ୍ଠ ନାଗରିକଙ୍କୁ ଏହି ଯୋଜନା ଅଧୀନରେ ଏକ ନୂତନ ସ୍ୱତନ୍ତ୍ର କାର୍ଡ଼ ପ୍ରଦାନ କରାଯିବ । ଏହାଦ୍ୱାରା ହିତାଧିକାରୀଙ୍କୁ ବାର୍ଷିକ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟବୀମାର ସୁବିଧା ଉପଲବ୍ଧ କରାଯାଇପାରିବ । ଏହାଦ୍ୱାରା ୬ କୋଟିରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କ ସହ ପ୍ରାୟ ସାଢ଼େ ୪ କୋଟି ପରିବାର ଲାଭାନ୍ୱିତ ହୋଇପାରିବେ । ୭୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ବରିଷ୍ଠ ନାଗରିକଙ୍କ ପାଇଁ ଏହି ବୀମା ଯୋଜନା ସମ୍ପ୍ରସାରଣ ସମ୍ପର୍କରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଗତ ଏପ୍ରିଲ୍ ମାସରେ ଘୋଷଣା କରିଥିଲେ ।

କ୍ୟାବିନେଟ୍ ବୈଠକର ଅନ୍ୟ ଏକ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି, ଜଳବିଦ୍ୟୁତ୍ ପ୍ରକଳ୍ପ ଲାଗି ଭିତ୍ତିଭୂମି ଖର୍ଚ୍ଚ ପାଇଁ ବଜେଟ୍ ସହାୟତା ଯୋଜନାରେ ସଂଶୋଧନ ନିମନ୍ତେ ଶକ୍ତି ମନ୍ତ୍ରଣାଳୟର ପ୍ରସ୍ତାବକୁ ଅନୁମୋଦନ କରାଯାଇଛି । ୨୦୨୪-୨୫ରୁ ୨୦୩୧-୩୨ ଆର୍ଥିକ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବାକୁ ଥିବା ଜଳବିଦ୍ୟୁତ୍ ପ୍ରକଳ୍ପର ଭିତ୍ତିଭୂମି ବିକାଶ ଲାଗି ୧୨ ହଜାର ୪୬୧ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଏହାଦ୍ୱାରା ଜଳବିଦ୍ୟୁତ୍ ବିକାଶରେ ସମସ୍ୟା ଭାବେ ଉଭାହୋଇଥିବା ଦୁର୍ଗମ ସ୍ଥାନ, ପାହାଡ଼ିଆ ଅଞ୍ଚଳ ଆଦି କ୍ଷେତ୍ରକୁ ଏହି ସୁବିଧା ଉପଲବ୍ଧ କରାଯାଇପାରିବା ସହ ଅନ୍ୟାନ୍ୟ ଭିତ୍ତିଭୂମିକୁ ମଧ୍ୟ ସଶକ୍ତ କରାଯାଇପାରିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

ସେହିଭଳି ୨ ହଜାର କୋଟି ଟଙ୍କା ବ୍ୟୟ ବରାଦ ହୋଇଥିବା ମିଶନ ମୌସମକୁ ମଧ୍ୟ ଗତକାଲି କ୍ୟାବିନେଟ୍ ମଞ୍ଜୁରି ମିଳିଛି । ଭାରତର ପାଣିପାଗ, ଜଳବାୟୁ ସମ୍ପର୍କିତ ବିଜ୍ଞାନ, ଗବେଷଣା ଓ ସେବାକୁ ଯଥେଷ୍ଟ ପ୍ରୋତ୍ସାହିତ କରିବା ଦିଗରେ ଏହା ସହାୟକ ହେବ । ଅତ୍ୟଧିକ ଖରାପ ପାଣିପାଗ ଓ ଜଳବାୟୁ ପରିବର୍ତ୍ତନ ପ୍ରଭାବର ମୁକାବିଲା କରିବାରେ ଏହା ସାହାଯ୍ୟ କରିବ । ଏତଦ୍‌ବ୍ୟତୀତ କୃଷି, ବିପର୍ଯ୍ୟୟ ପରିଚାଳନା, ପ୍ରତିରକ୍ଷା, ପରିବେଶ, ବିମାନ ଚଳାଚଳ, ଜଳସମ୍ପଦ, ଶକ୍ତି, ପର୍ଯ୍ୟଟନ, ଜାହାଜ ଚଳାଚଳ ଆଦି କ୍ଷେତ୍ର ମିଶନ ମୌସମ ମାଧ୍ୟମରେ ଉପକୃତ ହୋଇପାରିବେ । ଏହି ମିଶନ ଆଗାମୀ ଦୁଇ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

କ୍ୟାବିନେଟ୍ ବୈଠକର ଅନ୍ୟାନ୍ୟ ନିଷ୍ପତ୍ତି ବିଷୟରେ ସୂଚନା ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି, ଚଳିତ ଆର୍ଥିକ ବର୍ଷରୁ ୨୦୨୮-୨୯ ଆର୍ଥିକ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନାର ଚତୁର୍ଥ ପର୍ଯ୍ୟାୟକୁ କାର୍ଯ୍ୟକାରୀ କରିବା ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି । ଏହି ଯୋଜନାରେ ଯୋଗ୍ୟ ୨୫ ହଜାର ସଂଯୋଗବିହୀନ ଜନବସତିକୁ ସଂଯୋଗ କରାଯିବା ସହିତ ସେହି ରାସ୍ତାର ଉନ୍ନତୀକରଣ ଓ ପୋଲ ନିର୍ମାଣ ଏବଂ ପ୍ରାୟ ୬୨ ହଜାର କିଲୋମିଟରରୁ ଊର୍ଦ୍ଧ୍ୱ ରାସ୍ତା ନିର୍ମାଣ କରାଯିବ । ଏଥିଲାଗି ମୋଟ୍ ୭୦ ହଜାର ୧୨୫ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି ।

ଜନସାଧାରଣଙ୍କୁ ପରିବେଶ ଅନୁକୂଳ ଗମନାଗମନ ସେବା ଯୋଗାଇଦେବା ଉଦ୍ଦେଶ୍ୟରେ ପି.ଏମ୍. ଇ-ବସ୍ ସେବା ପେମେଣ୍ଟ ସିକ୍ୟୁରିଟି ମେକାନିଜିମ୍ ଯୋଜନାକୁ କ୍ୟାବିନେଟ୍‌ରେ ମଞ୍ଜୁରି କରାଯାଇଛି । ଏହାଦ୍ୱାରା ଚଳିତ ଆର୍ଥିକ ବର୍ଷରୁ ୨୦୨୮-୨୯ ଆର୍ଥିକ ବର୍ଷ ମଧ୍ୟରେ ୩୮ ହଜାରରୁ ଅଧିକ ଇଲେକ୍ଟ୍ରିକ୍ ବସ୍ ଚଳାଚଳ କରିବ । ଏହି ଯୋଜନାରେ ନିୟୋଜିତ ହେବା ଦିନଠାରୁ ୧୨ ବର୍ଷ ପର୍ଯ୍ୟନ୍ତ ଇ-ବସ୍ ଚଳାଚଳରେ ସହାୟତା ମିଳିବ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ଆତ୍ମନିର୍ଭର ଭାରତ ସ୍ୱପ୍ନକୁ ସାକାର କରିବା ଦିଗରେ ଏହା ଏକ ପ୍ରମୁଖ ପଦକ୍ଷେପ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । ସେ କହିଛନ୍ତି, ୩ ହଜାର ୪୩୫ କୋଟି ଟଙ୍କାରୁ ଅଧିକ ବ୍ୟୟ ଅଟକଳରେ ହେବାକୁ ଥିବା ଏହି ଯୋଜନା ଦେଶରେ ପ୍ରଦୂଷଣ ହ୍ରାସ କରିବା ସହିତ ପରିବେଶ ସୁରକ୍ଷା ଦିଗରେ ଏକ ମାଇଲ୍‌ଖୁଣ୍ଟ ଭାବେ ସାବ୍ୟସ୍ତ ହେବ ।

## ଜୟଶଙ୍କର - ସ୍ୱିଜରଲ୍ୟାଣ୍ଡ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଜିଠାରୁ ଦୁଇଦିନିଆ ସ୍ୱିଜରଲ୍ୟାଣ୍ଡ ଗସ୍ତରେ ଯିବେ । ତାଙ୍କର ସାଉଦି ଆରବ, ଜର୍ମାନୀ ଏବଂ ସ୍ୱିଜରଲ୍ୟାଣ୍ଡ ତ୍ରିଦେଶୀୟ ଗସ୍ତର ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟରେ ସେ ଏହି ଗସ୍ତ କରିବେ । ଏହି ଅବସରରେ ଡକ୍ଟର ଜୟଶଙ୍କର ଜେନେଭାଠାରେ

ଭାରତ ସକ୍ରିୟଭାବେ ଭାଗିଦାରୀଭାବେ କାର୍ଯ୍ୟ କରୁଥିବା ଆନ୍ତର୍ଜାତିକ ସଙ୍ଗଠନଗୁଡ଼ିକର ମୁଖ୍ୟ ତଥା ପ୍ରତିନିଧିମାନଙ୍କ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିବେ । ଜେନେଭାଠାରେ ମିଳିତ ଜାତିସଂଘ ଏବଂ ଅନ୍ୟ କେତେକ ଆନ୍ତର୍ଜାତିକ ସଙ୍ଗଠନର ମୁଖ୍ୟାଳୟ ରହିଛି । ଏହି ଗସ୍ତ ଅବସରରେ ଡକ୍ଟର ଜୟଶଙ୍କର ତାଙ୍କର ସ୍ୱିଜରଲ୍ୟାଣ୍ଡ କର୍ତ୍ତୃପକ୍ଷଙ୍କ ସହିତ ଦୁଇ ଦେଶ ମଧ୍ୟରେ ଥିବା ନିବିଡ଼ ଭାଗିଦାରିର ସମୀକ୍ଷା କରିବେ । ଏତଦ୍‌ବ୍ୟତୀତ ଦ୍ୱିପକ୍ଷୀୟ ସମ୍ପର୍କକୁ ଅଧିକ ସଶକ୍ତ କରିବା ଲାଗି ଉଭୟ ପକ୍ଷ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

ପୂର୍ବରୁ ଡକ୍ଟର ଜୟଶଙ୍କର ଜର୍ମାନୀ ଗସ୍ତ ଅବସରରେ ବର୍ଲିନ୍‌ଠାରେ ସେଠାକାର ଚାନ୍‌ସେଲର୍ ଓଲାଫ୍ ସ୍କଲ୍‌ଜଙ୍କୁ ଭେଟି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ବ୍ୟକ୍ତିଗତ ଶୁଭେଚ୍ଛା ଜଣାଇଛନ୍ତି । ତାଙ୍କ ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ଡକ୍ଟର ଜୟଶଙ୍କର ଜର୍ମାନୀଠାରେ ତାଙ୍କର ପ୍ରତିପକ୍ଷ ଆନ୍ନାଲେନା ବେଅରବକ୍‌ଙ୍କ ସହିତ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ, ପ୍ରତିରକ୍ଷା ଏବଂ ନିରାପତ୍ତା କ୍ଷେତ୍ରରେ ଥିବା ରଣନୀତିକ ଭାଗିଦାରୀ ସମ୍ପର୍କରେ ସମୀକ୍ଷା କରିବା ସହିତ ଅନ୍ୟାନ୍ୟ ଆପୋଷ ସ୍ୱାର୍ଥଜଡ଼ିତ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ଏତଦ୍‌ବ୍ୟତୀତ ବୈଦେଶିକ ବ୍ୟାପାର ମନ୍ତ୍ରୀ ଜର୍ମାନୀ ସଂସଦ ବା ବୁନ୍ଦେସ୍ତାଗ୍‌ର ବିଭିନ୍ନ ସଂସଦୀୟ କମିଟିର ମୁଖ୍ୟ ଏବଂ ବିଭିନ୍ନ ଦଳୀୟ ନେତୃବୃନ୍ଦଙ୍କ ସହିତ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଛନ୍ତି ।

## ତରଙ୍ଗ ଶକ୍ତି

ଭାରତୀୟ ବିମାନ ବାହିନୀ ଯୋଧପୁରଠାରେ ସର୍ବବୃହତ୍ ଆନ୍ତର୍ଜାତିକ ଯୁଦ୍ଧାଭ୍ୟାସ 'ତରଙ୍ଗ ଶକ୍ତି-୨୪' ଆୟୋଜନ କରିଛି । ଏହି ଅବସରରେ ଆଜି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଭାରତୀୟ ପ୍ରତିରକ୍ଷା ବିମାନ ସେବା ପ୍ରଦର୍ଶନୀ IDAX-24କୁ ଉଦ୍‌ଘାଟନ କରିବେ । ଏହି ପ୍ରଦର୍ଶନୀ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ପ୍ରଦର୍ଶନୀରେ ବନ୍ଧୁତ୍ୱ ବିଦେଶ ରାଷ୍ଟ୍ର ଏବଂ ଭାରତୀୟ ପ୍ରତିପକ୍ଷମାନେ ଏହି କ୍ଷେତ୍ରରେ ନିଜର ଦକ୍ଷତା ପ୍ରଦର୍ଶନ କରିବାର ସୁଯୋଗ ଉପଲବ୍ଧ ହେବ ।

## ହରିୟାଣା - ନୋମିନେସନ୍

ହରିୟାଣା ବିଧାନସଭା ନିର୍ବାଚନ ଲାଗି ନାମାଙ୍କନ ପତ୍ର ଦାଖଲର ଆଜି ହେଉଛି ଶେଷ ଦିବସ । ଆସନ୍ତାକାଲି ପ୍ରାର୍ଥୀପତ୍ର ଯାଞ୍ଚ୍ କରାଯିବ ଏବଂ ୧୬ ତାରିଖ ହେଉଛି ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିବସ । ୯୦ ଆସନ ବିଶିଷ୍ଟ ହରିୟାଣା ବିଧାନସଭା ଲାଗି ଆସନ୍ତା ଅକ୍ଟୋବର ୫ ତାରିଖ ଦିନ ଭୋଟ୍‌ଗ୍ରହଣ କରାଯିବ । ୮ ତାରିଖ ଦିନ ଭୋଟ୍‌ଗଣତି ହେବ ବୋଲି ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

ହରିୟାଣା ବିଧାନସଭା ନିର୍ବାଚନ ଲାଗି ବି.ଜେ.ପି. ପକ୍ଷରୁ ଏକ ତିନି ଜଣିଆ ପ୍ରାର୍ଥୀ ତାଲିକା ଗତକାଲି ଘୋଷଣା କରାଯାଇଛି । ଶିର୍ଷା ବିଧାନସଭା ଆସନ ଲାଗି ରୋହତସ୍ ଜାଙ୍ଗ୍ରାଙ୍କୁ ପ୍ରାର୍ଥୀ କରାଯାଇଥିବାବେଳେ ମହେନ୍ଦ୍ରଗଡ଼ରୁ କନଓ୍ୱାର୍ ସିଂହ ଯାଦବ ଏବଂ ଫରିଦାବାଦ ଏନ୍.ଆଇ.ଟି. ଆସନ ନିମେନ୍ତ ସତୀଶ ଫାଗ୍‌ନାଙ୍କୁ ଦଳ ଟିକେଟ୍ ଦେଇଛି ।

ସେହିଭଳି କଂଗ୍ରେସ ପକ୍ଷରୁ ମଧ୍ୟ ଏହି ନିର୍ବାଚନ ଲାଗି ୪୦ ପ୍ରାର୍ଥୀ ବିଶିଷ୍ଟ ତୃତୀୟ ତାଲିକା ପ୍ରକାଶ ପାଇଛି ।

## ସବ୍ରତୋ କପ୍

ମଣିପୁରର ଟି.ଜି. ଇଙ୍ଗ୍ଲିସ୍ ସ୍କୁଲ୍ ୬୩ତମ ଆନ୍ତର୍ଜାତିକ ସୁବ୍ରତୋ କପ୍ ଆନ୍ତର୍ଜାତିକ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟର ଜୁନିୟର ବାଳକ ବର୍ଗରେ ଚାମ୍ପିୟନ୍ ହୋଇଛି । ଗତକାଲି ଅନୁଷ୍ଠିତ ଫାଇନାଲ୍ ମ୍ୟାଚ୍‌ରେ ଏହି ଦଳ ମେଘାଳୟର ମିଙ୍ଗ୍‌କେନ୍ ଖ୍ରୀଷ୍ଟିୟାନ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ସଡନ୍ ଡେଜ୍ ଟାଇ-ବ୍ରେକର ଜରିଆରେ ପରାସ୍ତ କରିଛି । ସୁବ୍ରତୋ କପ୍ ହେଉଛି ଏସିଆର ସର୍ବପୁରାତନ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ।

# ହକି

ଚୀନ୍‌ର ହୁଲୁନ୍‌ବୁଇର୍ ଠାରେ ଚାଲିଥିବା ପୁରୁଷ ଏସୀୟ ଚାମ୍ପିଆନ୍ସ ଟ୍ରଫି ହକି ଟୁର୍ଣ୍ଣାମେଣ୍ଟରେ ପୂର୍ବ ବର୍ଷର ଚାମ୍ପିୟନ୍ ଭାରତ ଆଜି ଦକ୍ଷିଣ କୋରିଆକୁ ଭେଟିବ । ଏହି ମ୍ୟାଚ୍ ଭାରତୀୟ ସମୟ ଅପରାହ୍ଣ ଗୋଟାଏ ୧୫ ମିନିଟ୍‌ରେ ଆରମ୍ଭ ହେବ । ଏହି ଟୁର୍ଣ୍ଣାମେଣ୍ଟ୍‌ରେ ୪ ଥର ଚାମ୍ପିୟନ୍ ହୋଇଥିବା ଭାରତ ଗତକାଲି ମାଲେସିଆକୁ ୮-୧ ଗୋଲ୍‌ରେ ପରାସ୍ତ କରି ସେମିଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ପୂର୍ବରୁ ଭାରତ ଏହି ଟୁର୍ଣ୍ଣାମେଣ୍ଟ୍‌ର ଚଳିତ ସଂସ୍କରଣରେ ଚୀନ୍‌କୁ ପ୍ରାରମ୍ଭିକ ମ୍ୟାଚ୍‌ରେ ୩-୦ରେ ଏବଂ ଜାପାନ୍‌କୁ ୫-୧ ଗୋଲ୍‌ରେ ପରାସ୍ତ କରିଛି । ୬ଟି ଦଳକୁ ନେଇ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟ ରାଉଣ୍ଡ ରବିନ୍ ଫର୍ମାଟ୍‌ରେ ଖେଳାଯାଉଛି । ଆସନ୍ତା ୧୭ ତାରିଖ ଦିନ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ ।

*****